# Statement on the US support for TRIPS Waiver

May 06, 2021

## ଟ୍ରିପସ୍ ଚୁକ୍ତିନାମାର ମାନଦଣ୍ଡକୁ କୋହଳ କରିବା ପାଇଁ ଆମେରିକାର ସମର୍ଥନ ଉପରେ ବିବୃତ୍ତି

ମଇ 06, 2021

ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟ ଏବଂ କୋଭିଡ 19 ମହାମାରୀର ମୁକାବିଲା କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ଏବଂ ଦକ୍ଷିଣ ଆଫ୍ରିକା ବିଶ୍ୱ ବାଣିଜ୍ୟ ସଂଗଠନରେ 2 ଅକ୍ଟୋବର 2020 ରେ ଟ୍ରିପସ୍ ଚୁକ୍ତିନାମାର ମାନଦଣ୍ଡକୁ କୋହଳ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଯାହାଦ୍ୱାରା ବିକାଶଶୀଳ ଦେଶଗୁଡିକ ପାଇଁ ଟିକା ଏବଂ ଔଷଧ ଶୀଘ୍ର ତଥା ସୁଲଭ ଦରରେ ସୁନିଶ୍ଚିତ କରାଯାଇପାରିବ। ଭାରତ ଏବଂ ସମାନ ବିଚାରଧାରା ଥିବା ଅନ୍ୟ ଦେଶମାନଙ୍କର ସକ୍ରିୟ ଆଭିମୁଖ୍ୟ ଯୋଗୁଁ ଏହି ପ୍ରସ୍ତାବ 120 ରୁ ଅଧିକ ଦେଶର ସମର୍ଥନ ପାଇଛି।

ଆମେରିକାର ରାଷ୍ଟ୍ରପତି ବିଡେନଙ୍କ ସହ 26 ଏପ୍ରିଲ 2021ରେ ହୋଇଥିବା ଫୋନ ବାର୍ତ୍ତାଳାପରେ ପ୍ରଧାନମନ୍ତ୍ରୀ ତାଙ୍କୁ ବିଶ୍ୱ ବାଣିଜ୍ୟ ସଂଗଠନରେ ଭାରତ ଦେଇଥିବା ପ୍ରସ୍ତାବ ବିଷୟରେ ଅବଗତ କରିଥିଲେ ଯାହା ମାନବିକତାର ଲାଭ ପାଇଁ ଉଦ୍ଦିଷ୍ଟ।

ଏହି ପ୍ରସ୍ତାବକୁ ଆମେରିକା ସରକାର ସମର୍ଥନ ଜଣାଇ 5 ମଇରେ ଦେଇଥିବା ବିବୃତ୍ତିକୁ ଆମେ ସ୍ୱାଗତ କରୁଛୁ। ଆମେ ଆଶା କରୁଛୁଯେ ଏକ ସହମତି ଭିତ୍ତିକ ଆଭିମୁଖ୍ୟ ସହିତ ଟ୍ରିପସ୍ ଚୁକ୍ତିନାମାର ମାନଦଣ୍ଡକୁ କୋହଳ କରିବା ପାଇଁ ବିଶ୍ୱ ବାଣିଜ୍ୟ ସଂଗଠନର ଶୀଘ୍ର ଅନୁମୋଦନ ମିଳିପାରିବ। ସୁଲଭ କୋଭିଡ 19 ଟିକା ଏବଂ ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀର ଉତ୍ପାଦନ ବୃଦ୍ଧି ଏବଂ ଠିକ ସମୟରେ ଉପଲବ୍ଧତା ପାଇଁ ଟ୍ରିପସ୍ ମାନଦଣ୍ଡ କୋହଳ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**ନୂଆଦିଲ୍ଲୀ**

ମଇ 06, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.